**ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ଥଇଥାନ ପାଇଁ ଯଥାର୍ଥ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ଅନୁଯାୟୀ ଓଡିଶାର ରାୟଗଡା ଜିଲ୍ଲାରେ ନିର୍ମାଣ କରାଯାଉଥିବା ୩ୟ ରେଳବାଇ ଧାରଣା ନିର୍ମାଣ ନିମନ୍ତେ ରାୟଗଡା-ଲାଙ୍ଗା ରାସ୍ତା ମଧ୍ୟରେ ରାୟଗଡା-କେରଡା ରାସ୍ତାର ସ୍ଥାନାନ୍ତରୀକରଣ ପ୍ରକଳ୍ପ ହେତୁ ପ୍ରଭାବିତ ହେଉଥିବା ଗ୍ରାମଗୁଡିକର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠନ କରାଯାଉଥିବା ଜିଲ୍ଲା ସ୍ତରୀୟ ବହୁ-ଶୃଙ୍ଖଳିତ ବିଶେଷଜ୍ଞ କମିଟିର ତା-୦୩.୧୨.୨୦୨୨ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ରାୟଗଡ଼ାଠାରେ ଅନୁଷ୍ଠିତ ହେଇଥିବା ବୈଠକର ସଂକ୍ଷିପ୍ତ ବିବରଣୀ ।**

**********************

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ଥଇଥାନ ପାଇଁ ଯଥାର୍ଥ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ୩ୟ ରେଳବାଇ ଧାରଣା ନିର୍ମାଣ ନିମନ୍ତେ ରାୟଗଡା-ଲାଙ୍ଗା ରାସ୍ତା ମଧ୍ୟରେ ରାୟଗଡା-କେରଡା ରାସ୍ତାର ସ୍ଥାନାନ୍ତରୀକରଣ ପ୍ରକଳ୍ପ ପାଇଁ ୦୪ ଗୋଟି ଗ୍ରାମର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବିଶେଷଜ୍ଞ ଗୋଷ୍ଠୀର ବୈଠକ ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଚିନ୍ତନ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ ତଥା ଅଧିକାରିଗଣ ଉପସ୍ଥିତ ଥିଲେ ।

**୧) ଶ୍ରୀ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ - ଅଧ୍ୟକ୍ଷ**

**୨) ଶ୍ରୀ ସୁନୀଲ ଖୋରା, ଅତିରିକ୍ତ-ତହସିଲଦାର, ରାୟଗଡ଼**
**ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ରାୟଗଡାଙ୍କ ତରଫେ**

**୩) ଶ୍ରୀଲକ୍ଷ୍ମୀ ନାରାୟଣ ସାବତ ,ଗୋଷ୍ଠୀଉନ୍ନୟନ ଅଧିକାରୀ, ରାୟଗଡ଼ -ସଦସ୍ୟ**

**୪) ଶ୍ରୀ ରଞ୍ଜନ କୁମାର ପାତ୍ର , ସହକାରୀ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ବିଭାଜନ-୧, ରାୟଗଡ଼**
**ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ବିଭାଜନ-୧, ରାୟଗଡ଼ଙ୍କ ତରଫେ**

**୫) ଶ୍ରୀ ଟୁଟୁ ତାଡିଙ୍ଗି, ସରପଞ୍ଚ, ପିତାମହଲ ଗ୍ରାମ ପଞ୍ଚାୟତ - ସଦସ୍ୟ**

**୬) ଶ୍ରୀମତୀ ଶର୍ମୀଳା ପାଲକା, ନାଏବ-ସରପଞ୍ଚ, ପିତାମହଲ ଗ୍ରାମ ପଞ୍ଚାୟତ - ସଦସ୍ୟ**

**୭) ଶ୍ରୀ ସତ୍ୟ ନାରାୟଣ ରଣା, କ୍ଷେତ୍ର ଗବେଷଣା ଅନୁସନ୍ଧାନକାରୀ**
LAVS, Bhubaneswar & ISS, Bhubaneswar

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ତଥା ବୈଠକର ବିଚାର୍ଯ୍ୟ ଓ ବିଷୟ ବସ୍ତୁ ଓ ନିଷ୍ପତ୍ତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ ଗୋଷ୍ଠୀର ଅଧ୍ୟକ୍ଷ ସମ୍ୟକ ସୂଚନା ଦେଇଥିଲେ । ୩ୟ ରେଳବାଇ ଧାରଣା ନିର୍ମାଣ ନିମନ୍ତେ ରାୟଗଡା-ଲାଙ୍ଗା ରାସ୍ତା ମଧ୍ୟରେ ରାୟଗଡା-କେରଡା ରାସ୍ତାର ସ୍ଥାନାନ୍ତରୀକରଣ ନିମନ୍ତେ ରାୟଗଡା ଜିଲ୍ଲାର ୦୪ ଗୋଟି ଗ୍ରାମ ଯଥା, ୧) ଲାଙ୍ଗା, ୨) ସୁଙ୍କାରିମେଣ୍ଟୁ , ୩) ବୈଷ୍ଣବଗୁଡା ଏବଂ ୪) ପିତାମହଲ ରେ ଏ ୬.୯୨୯୬ ଡି ଜମିର ଅଧିଗ୍ରହଣ ପ୍ରକ୍ରିୟା ଚାଲୁଅଛି ।

୧) ଜନ ଶୁଣାଣି ସମ୍ବନ୍ଧରେ -

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସଦସ୍ୟ ମତବ୍ୟକ୍ତ କରିଥିଲେ ଯେ ରାୟଗଡା ତହସିଲ ଅନ୍ତର୍ଗତ ୦୪ ଗୋଟି ଗ୍ରାମରେ ତା୨୮/୦୯/୨୦୨୨ରିଖରେ ପିତାମହଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜା ଏବଂ ସାଧାରଣ ନାଗରିକ ଉପସ୍ଥିତ ଥାଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଜନ ଶୁଣାଣି ଶିବିରରେ ରାୟଗଡା ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ ଭୀମସେନ ଶବର ସଭାପତିତ୍ୱ କରିଥିଲେ । ପ୍ରକଳ୍ପ ସମ୍ବନ୍ଧରେ ବିଶେଷ ଆଲୋଚନା କରି ତହସିଲଦାର-ତଥା-ଭୂ-ଅର୍ଜନ ଅଧିକାରୀ, ରାୟଗଡା ଶ୍ରୀଯୁକ୍ତ ତାପସ ରାଉତ ପ୍ରକ୍ରିୟା ସମ୍ପର୍କରେ ପ୍ରଭାବିତ ହିତାଧିକାରୀମାନଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିବା କଥା କହିଥିଲେ । ଏହାପରେ ସେ ଜମି ଅଧିଗ୍ରହଣ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଯଥା-କ୍ଷତିପୂରଣ ହିସାବ କିପରି ଲୋକମାନଙ୍କ ପ୍ରଶ୍ନର ବିଷଦ ଉତ୍ତର ସଂପୃକ୍ତ ଅଧିକାରୀ ମାନଙ୍କ ଦ୍ୱାରା ପ୍ରଦାନ କରାଗଲା । ତତ ସହିତ ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ ଭୀମସେନ ଶବର ବିଭିନ୍ନ ପ୍ରଭାବିତ ଲୋକମାନଙ୍କର ପ୍ରଶ୍ନର ସମୁଚିତ ଉତ୍ତର ଦେଇଥିଲେ ଓ ରାୟଗଡା-ଲାଞ୍ଜି ରାସ୍ତାର ସ୍ଥାନାନ୍ତରୀକରଣ ଦ୍ୱାରା ସ୍ଥାନୀୟ ଲୋକମାନଙ୍କର ସାମଗ୍ରିକ ଉନ୍ନତି କିପରି ହେବ, ସେ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ, ଏତଦ ବ୍ୟତୀତ ସ୍ଥାନୀୟ ଲୋକମାନେ ବିଭିନ୍ନ ସୁବିଧା ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବାଣିଜ୍ୟ ଓ ଗମନାଗମନର ସୁବିଧା ଇତ୍ୟାଦି କ୍ଷେତ୍ରରେ କିପରି ଉନ୍ନତି ହେବ, ସେ ବିଷୟରେ ଆଲୋଚନା କରିଥିଲେ । ଏହାପରେ ପ୍ରଭାବିତ ହିତାଧିକାରୀମାନଙ୍କର ଯଦି କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ସେହି ଶିବିରରେ ସେମାନଙ୍କୁ ପ୍ରକାଶ କରିବା ପାଇଁ ଅନୁରୋଧ କରିଥିଲେ । ଉକ୍ତ ଗ୍ରାମସଭାରେ ଜମିହରାମାନେ ଜମିର ଉଚ୍ଚ କ୍ଷତିପୂରଣ ରାଶି ନିମନ୍ତେ ଦାବି କରିଥିଲେ । ଏହାର ଉତ୍ତରରେ ଉପ-ଜିଲ୍ଲାପାଳ କହିଥିଲେ ଯେ ଜମିହରା ମାନଙ୍କୁ ଜମିର ଉପଯୁକ୍ତ ପ୍ରାପ୍ୟ ବେଞ୍ଚମାର୍କ ମୂଲ୍ୟ ଅନୁସାରେ ପ୍ରଦାନ କରାଯିବ ତତ ସହିତ ଯଦି ଜମିରେ ଗଛ ଥିବ, ବୋରୱେଲ ଥିବ ସମସ୍ତ ସମ୍ପତ୍ତିର ମୂଲ୍ୟାଙ୍କନ ହେବ ଓ ସେହି ଅନୁସାରେ ମୋଟ କ୍ଷତିପୂରଣ ରାଶି ପ୍ରଦାନ କରାଯିବ । ସଭା ଶେଷରେ ଶ୍ରୀ ସତ୍ୟ ନାରାୟଣ ରଣା, କ୍ଷେତ୍ର ଗବେଷଣା ଅନୁସନ୍ଧାନକାରୀ, LAVS, Bhubaneswar & ISS, Bhubaneswar ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ ଘୋଷଣା କରିଥିଲେ ।

୨) ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟ ବିଷୟରେ ଆଲୋଚନା –

ଉକ୍ତ ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଛି କି ନା ସେ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କ ମତାମତ ଲୋଡିଥିଲେ । ଯେହେତୁ ଉକ୍ତ ପ୍ରକଳ୍ପ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ବ୍ୟବସାୟ ସମ୍ବନ୍ଧୀୟ ଅଭିବୃଦ୍ଧି, ଜମିବାଡିର ମୂଲ୍ୟବୃଦ୍ଧି, ନୂତନ ବଜାର ସୃଷ୍ଟି ଏବଂ ଯାତାୟାତ ସୁବିଧା ଉପଲବ୍ଧ ହେଉଅଛି, ଏଣୁ ସମସ୍ତ ସଦସ୍ୟ ଉକ୍ତ ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଥିବାର ହୃଦବୋଧ ହୋଇ ସହମତ ହୋଇଥିଲେ ।

୩) ପ୍ରକଳ୍ପ ଓ ସମ୍ଭାବ୍ୟ ଉପକାର –

ସାମାଜିକ ଆଲୋଚନା ରିପୋର୍ଟରୁ ଜଣାପଡେ ଯେ, ଏହି ପ୍ରକଳ୍ପ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ଆୟ ବୃଦ୍ଧି ହେବ, ବାଣିଜ୍ୟ କାରବାର ବୃଦ୍ଧି ହେବ, ଜମିବାଡିର ମୂଲ୍ୟ ବୃଦ୍ଧି ହେବ, ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନକୁ ଯାତାୟାତ କରିହେବ । ତେଣୁ ଏହି ସବୁ ଦୃଷ୍ଟିରୁ ବିଚାରକଲେ ଏହି ପ୍ରକଳ୍ପ ପାଇଁ ଆକଳନ ଖର୍ଚ୍ଚ ଠାରୁ ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତରେ ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।

**୪) ସର୍ବନିମ୍ନ ଜମି ଅଧିଗ୍ରହଣ ସମ୍ବନ୍ଧରେ –**

ଏହି ଜମିର ପରିମାଣ ବହୁତ କମ ଅଟେ । ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଦର୍ଶାଇଥିଲେ ଯେ, ରାସ୍ତା ସ୍ଥାନାନ୍ତରିକରଣ ପାଇଁ ଯେତିକି ଜମି ଆବଶ୍ୟକ କେବଳ ସେତିକି ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଅଛି । ଏଥିରେ ସମସ୍ତ ସଦସ୍ୟ ଏକମତ ହୋଇଥିଲେ ଯେ ଏହି ପ୍ରକଳ୍ପ ନିମନ୍ତେ ନିଶ୍ଚିତ ଭାବରେ ସର୍ବନିମ୍ନ ଜମି ଅଧିଗ୍ରହଣ ସକାଶେ ପ୍ରସ୍ତାବିତ ହୋଇଅଛି ।

**୫) ବିସ୍ଥାପନ ବ୍ୟତୀତ ବିକଳ୍ପ ବ୍ୟବସ୍ଥା ଅବଲମ୍ବନ କରାଯିବା ସମ୍ବନ୍ଧେ –**

ଏଠାରେ ବିସ୍ଥାପନର ଆବଶ୍ୟକତା ହେଉନାହିଁ ଯେହେତୁ ଜମି ଅଧିଗ୍ରହଣ ହେବାକୁଥିବା ଉପରୋକ୍ତ ୦୪ ଗୋଟି ମୌଜାରେ କୌଣସି ଘର ଯାଉନାହିଁ ।

## ବିଶେଷଜ୍ଞ ଗୋଷ୍ଠୀ ଙ୍କ ସୁପାରିଶ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟ ଅନୁଧ୍ୟାନ ପୂର୍ବକ ଏବଂ ସଭାରେ ଆଲୋଚନା କରାଯାଇଥିବା ବିଷୟବସ୍ତୁ ଉପରେ ଆଧାରିତ କରି ବିଶେଷଜ୍ଞ ଗୋଷ୍ଠୀଙ୍କ ଦ୍ୱାରା ନିମ୍ନଲିଖିତ ସୁପାରିଶ କରାଗଲା ।

**(କ)** ୩ୟ ରେଳବାଇ ଧାରଣା ନିର୍ମାଣ ନିମନ୍ତେ ରାୟଗଡା-ଲାଞ୍ଜିଗଡ଼ ରାସ୍ତା ମଧ୍ୟରେ ରାୟଗଡା-କେରଡା ରାସ୍ତାର ସ୍ଥାନାନ୍ତରୀକରଣ ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଅଛି । ସାମାଜିକ ପ୍ରଭାବ ଅଧ୍ୟୟନରୁ ଜଣାପଡେ ଯେ ଏହି ପ୍ରକଳ୍ପ ଲୋକ ମାନଙ୍କ ବ୍ୟବସାୟ ବାଣିଜ୍ୟ କାରବାରକୁ ବୃଦ୍ଧି କରିବ । ଏହା ସ୍ଥାନୀୟ ଲୋକଙ୍କର ଜମିବାଡିର ମୂଲ୍ୟ ବୃଦ୍ଧି କରିବ । ଏହା ବ୍ୟତୀତ ବିଶେଷକରି ଏ ଅଞ୍ଚଳର ଲୋକମାନେ ଏହି ପ୍ରକଳ୍ପକୁ ବିରୋଧ କରୁ ନାହାନ୍ତି । ଏସବୁ ଦୃଷ୍ଟିରୁ ବିଚାର କଲେ ଏହି ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ।

**(ଖ)** ରାୟଗଡା ଜିଲ୍ଲାରେ ୩ୟ ରେଳବାଇ ଧାରଣା ନିର୍ମାଣ ନିମନ୍ତେ ରାୟଗଡା-ଲାଞ୍ଜିଗଡ଼ ରାସ୍ତା ମଧ୍ୟରେ ରାୟଗଡା-କେରଡା ରାସ୍ତାର ସ୍ଥାନାନ୍ତରୀକରଣ ପ୍ରକଳ୍ପ ନିମନ୍ତେ ୦୪ ଗୋଟି ଗ୍ରାମରେ କେବଳ ଏ ୬.୯୨୯୬ ଡି ଜମି ଅଧିଗ୍ରହଣ କରାଯିବ । ସ୍ଥାନାନ୍ତରୀକରଣ ପାଇଁ ଯେତିକି ଜମି ଆବଶ୍ୟକ କେବଳ ସେତିକି ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଅଛି । ଏଥିରୁ ସ୍ପଷ୍ଟ ଯେ ଏହି ପ୍ରକଳ୍ପ ନିମନ୍ତେ ନିଶ୍ଚିତ ଭାବରେ ସର୍ବନିମ୍ନ ଜମି ଅଧିଗ୍ରହଣ ପ୍ରସ୍ତାବିତ ହୋଇଅଛି ।

**(ଗ)** ଏଠାରେ ପୁନର୍ବାସ ଓ ଥଇଥାନ ନୀତିର ଆବଶ୍ୟକତା ନାହିଁ । କ୍ଷତିଗ୍ରସ୍ତ ଲୋକଙ୍କୁ ଭୂ-ଅର୍ଜନ ଆଇନ ୨୦୧୩ ଏବଂ ଓଡିଶା ଭୂ-ଅର୍ଜନ ନିୟମାବଳୀ ୨୦୧୬ ମୁତାବକ ଜମି, ବୃକ୍ଷ, ନଳକୂପ ଇତ୍ୟାଦିର ମୂଲ୍ୟାୟନ କରାଯାଇ କ୍ଷତି ପୂରଣ ରାଶି ପ୍ରଦାନ କରାଯିବ ।

**(ଘ)** ପୂର୍ତ୍ତ ବିଭାଗ ଅଧୀନରେ ପୂର୍ବରୁ ଅଧିଗୃହିତ ହୋଇଥିବା କିଛି ଜମି ଅବ୍ୟବହୃତ ହୋଇ ରହିଅଛି । ବର୍ତ୍ତମାନ ଉକ୍ତ ବଳକା କିଛି ଜମି ଅଧିଗ୍ରହଣ ଜମି ଏକତ୍ର ସାମିଲ ହୋଇ ଏହି ପ୍ରକଳ୍ପ ପାଇଁ ଉପଯୋଗ କରାଯିବ।

**(ଙ)** ୩ୟ ରେଳବାଇ ଧାରଣା ନିର୍ମାଣ ନିମନ୍ତେ ରାୟଗଡା-ଲାଞ୍ଜିଗଡ଼ ରାସ୍ତା ମଧ୍ୟରେ ରାୟଗଡା-କେରଡା ରାସ୍ତାର ସ୍ଥାନାନ୍ତରୀକରଣ ପ୍ରକଳ୍ପ ରାୟଗଡା ଜିଲ୍ଲାର ୦୪ ଗୋଟି ଗ୍ରାମ ମଧ୍ୟ ଦେଇ ଅତିକ୍ରମ କରିବ ଏବଂ ଏହି ଗ୍ରାମଗୁଡିକରେ କୌଣସି ବ୍ୟକ୍ତି ବିସ୍ଥାପିତ ହେଉ ନାହାଁନ୍ତି ।

(ଚ) ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ସ୍ଥଳେ ଓଭରବ୍ରିଜ୍, ଅଣ୍ଡର ଗ୍ରାଉଣ୍ଡ ବ୍ରିଜ୍, ଗାର୍ଡୱାଲ ଏବଂ ଡ୍ରେନେଜ ନିର୍ମାଣ କରାଯିବା ପାଇଁ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଗଲା । କ୍ଷତିଗ୍ରସ୍ତ ଲୋକ ତଥା ସର୍ବସାଧାରଣଙ୍କ ଯାତାୟତର ସୁବିଧା ଏବଂ ଚାଷ ଜମିର ସୁରକ୍ଷା ପାଇଁ ଉକ୍ତ ପ୍ରକଳ୍ପ ଏକାନ୍ତ ଆବଶ୍ୟକ ଅଟେ ।

**(ଛ) ନିୟମିତ ରୋଜଗାର ପାଇଁ ସ୍ୱତନ୍ତ୍ର ଯୋଜନା –** ପ୍ରକଳ୍ପ ପ୍ରଭାବିତଙ୍କ ଠାରୁ ଜମି ଚାଲିଯିବା ପରେ ସେମାନେ ବେସାହାରା ହୋଇ ପଡିବେ । ଏମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ କର୍ମ ଯୋଗାଣ କରିବାକୁ ସୁପାରିଶ କରାଗଲା ଏବଂ ସ୍ଥାନୀୟ ଲୋକମାନଙ୍କୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ନିୟୋଜନ କରିବା ନିମନ୍ତେ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରାଗଲା ।

**(ଜ) ଜମିସଂସ୍ଥାନ ଯୋଗାଣ ସମ୍ପର୍କିତ ତାଲିମର ବ୍ୟବସ୍ଥା -** ଏହି ଅଞ୍ଚଳରେ ଏକ ତାଲିମ ଅନୁଷ୍ଠାନ ସ୍ଥାପନ କରି ପ୍ରଭାବିତ ଯୋଗ୍ୟ ହିତାଧିକାରୀଙ୍କୁ କର୍ମସଂସ୍ଥାନ ଯୋଗାଣ ଦିଗରେ ପଦକ୍ଷେପ ନିଆଯିବା ଉଚିତ ।

**(ଝ) କ୍ଷତି ପୂରଣ ରାଶିର ଆବଣ୍ଟନ -** ପ୍ରଭାବିତ ଜନସାଧାରଣଙ୍କୁ ସେମାନଙ୍କ କ୍ଷତି ପୂରଣ ରାଶି ଯଥା ଶିଘ୍ର ଆବଣ୍ଟନ ହେବା ଉଚିତ।

**(ଞ) ଅବ୍ୟବହୃତ ଜମିର ସଦୁପଯୋଗ -** କିଛି ଜମି ରାସ୍ତା ନିର୍ମାଣ ନିମନ୍ତେ ବିନିଯୋଗ ହୋଇ ସାରିବା ପରେ ପରିତ୍ୟକ୍ତ ହୋଇ ରହିବ । ଏହା ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ କୌଣସି କାମରେ ଆସିବ ନାହିଁ । ଏଣୁ ଉକ୍ତ ବଳକା ଜମିକୁ ପୂର୍ତ୍ତ ବିଭାଗ ଅଧିଗ୍ରହଣ କରି ଆନୁଷଙ୍ଗିକ କାର୍ଯ୍ୟରେ ବିନିଯୋଗ କରି ଉତ୍ପାଦନକ୍ଷମ କରିବା ଉଚିତ ।

ପଞ୍ଚାୟତ ପ୍ରତିନିଧି ମାନଙ୍କର ଦାବୀ ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟ ମୁତାବକ ନିମ୍ନୋକ୍ତ କାର୍ଯ୍ୟ ପନ୍ଥା ଗ୍ରହଣ କରାଯିବା ନିମନ୍ତେ ଓଡିଶା ସରକାର ଓ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଅନୁରୋଧ କରାଗଲା ଯେ ନିମ୍ନୋକ୍ତ ପ୍ରକଳ୍ପ ଗୁଡିକ ଜନସାଧାରଣଙ୍କର ହିତ ଦୃଷ୍ଟିରୁ ଏକାନ୍ତ ଆବଶ୍ୟକ।

**(୧) ପିତାମହଲ –**

ପିତାମହଲ ପଞ୍ଚାୟତର ସରପଞ୍ଚ ଶ୍ରୀ ଟୁଟୁ ତାଡିଙ୍ଗି କହିଥିଲେ ଯେ, ପିତାମହଲ ଗ୍ରାମନିକଟରେ ଯାନବାହାନ ନିମିତ୍ତ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ଏଡାଇବା ନିମନ୍ତେ ଏକ ଓଭର ବ୍ରିଜର ଆବଶ୍ୟକତା ଅଛି ଏବଂ ରାସ୍ତା ନିର୍ମାଣ ସମୟରେ ପ୍ରଦୂଷଣର ମାତ୍ରାକୁ କମ କରିବାକୁ ଓ ରାସ୍ତା ନିର୍ମାଣ ସମୟରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନିମନ୍ତେ ଅନୁରୋଧ କରିଥିଲେ । ଏହି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା ।

ସଭା ଶେଷରେ ଅତିରିକ୍ତ-ତହସିଲଦାର, ରାୟଗଡ଼ ସମସ୍ତଙ୍କୁ ସେମାନଙ୍କର ସଦୟ ଯୋଗଦାନ ତଥା ସକ୍ରୀୟ ସ୍ୱାଧୀନମତ ବ୍ୟକ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ କଲେ ଏବଂ ସଭା ସାଙ୍ଗ କରାଗଲା।

ସ୍ୱାକ୍ଷର,
୨୮।୦୮।୨୦୧୭,

ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ବିଶେଷଜ୍ଞ ଗୋଷ୍ଠୀ
ରାୟଗଡା

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼

## (ଭୂ-ଅର୍ଜନ ଉପବିଭାଗ)

ସଂଖ୍ୟା ୧୨୮୩ /୨୦୨୨ ତା ୧୨ /୧୨/୨୦୨୨ ରିଖ

## <u>ବିଜ୍ଞାପନ</u>

ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ପାଇଁ ଯଥାର୍ଥ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଆଇନର ୨୦୧୩ ଧାରା ୭ର ଉପଧାରା ୧ ମୁତାବକ ୩ୟ ରେଳବାଇ ଧାରଣା ନିର୍ମାଣ ନିମନ୍ତେ ରାୟଗଡା-ଲାଞ୍ଜି ରାସ୍ତା ମଧ୍ୟରେ ରାୟଗଡା-କେରଡା ରାସ୍ତାର ସ୍ଥାନାନ୍ତରୀକରଣ ପ୍ରକଳ୍ପ ପାଇଁ ସାମାଜିକ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବିଶେଷଜ୍ଞ ଗୋଷ୍ଠୀର ତା ୦୩.୧୨.୨୦୨୨ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟ ଳୟର ଚିନ୍ତନ କକ୍ଷରେ ଅନୁଷ୍ଠିତ ବୈଠକର ବିବରଣୀ ଓ ସୁପାରିଶ ସମ୍ପର୍କୀୟ ବିଜ୍ଞାପନ ଓଡିଶା ଭୂ-ଅର୍ଜନ ନିୟମାବଳୀ, ୨୦୧୬ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥିସହ ସଂଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ରାଜ୍ୟ ସରକାର ଓ ରାୟଗଡ଼ ଜିଲ୍ଲାପାଳଙ୍କ ୱେବସାଇଟରେ ଉପଲବ୍ଧ ହେବ ।

ସୋମନାଥ।
୦୧୨।୧୨।୨୨ରିଖ

ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼

ପରିପତ୍ର ସଂଖ୍ୟା ୧୨୮୪ /୨୦୨୨ ତା ____/୧୨/୨୦୨୨ ରିଖ

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସୋମନାଥ।
୦୧୨।୧୨।୨୨ରିଖ

ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼

ପରିପତ୍ର ସଂଖ୍ୟା ୧୨୮୫ /୨୦୨୨ ତା ____/୧୨/୨୦୨୨ ରିଖ

ଏହାର ଏକକିତା ନକଲ ସଂଯୋଜକ, ଏନ.ସି.ଡି.ଏସ., ଭୁବନେଶ୍ୱର/ ଉପ-ଜିଲ୍ଲାପାଳ, ରାୟଗଡ଼/ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ରାୟଗଡ଼/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡ଼/ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ବିଭାଜନ-୧, ରାୟଗଡଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସୋମନାଥ।
୦୧୨।୧୨।୨୨ରିଖ

ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼

ପରିପତ୍ର ସଂଖ୍ୟା ୧୨୮୬ /୨୦୨୨ ତା ୧୭ /୧୨/୨୦୨୨ ରିଖ

ଏହାର ଏକକିତା ନକଲ DIO, NIC, ରାୟଗଡଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ସେ ଏହାକୁ ଜିଲ୍ଲାର ୱେବସାଇଟରେ ଅପଲୋଡ କରିବେ।

ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼

ପରିପତ୍ର ସଂଖ୍ୟା ୧୨୮୭ /୨୦୨୨ ତା ୧୭ /୧୨ /୨୦୨୨ ରିଖ

ଏହାର ଏକକିତା ନକଲ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼

ପରିପତ୍ର ସଂଖ୍ୟା ୧୨୮୮ /୨୦୨୨ ତା ୧୭ /୧୨/୨୦୨୨ ରିଖ

ଏହାର ଏକକିତା ନକଲ ସରପଞ୍ଚ, ପିତାମହଲଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ପ୍ରତିଟି ଗ୍ରାମର ସାର୍ବଜନୀନ ସ୍ଥଳୀରେ ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ପ୍ରକାଶନ କରିବା ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼

ପରିପତ୍ର ସଂଖ୍ୟା ୧୨୮୯ /୨୦୨୨ ତା ୧୭ /୧୨ /୨୦୨୨ ରିଖ

ଏହାର ଏକକିତା ନକଲ ଯୁଗ୍ମ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବସାଇଟରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼

**Attendance Sheet of members of Independent Multi-Disciplinary Expert Group attended the meeting for evaluation of SIA final report (04 villages) for Shifting of Rayagada-Kerada Road (Between Rayagada-Ladda) for Construction of 3rd Railway line Project in Rayagada District under the Chairmanship of Additional District Magistrate, Rayagada held on 03.12.2022 at 04.00 P.M. at Chintana Kakshya, Collectorate, Rayagada**

| Sl. No | Name of the Members | Designation. | Signature | Contact No. |
|---|---|---|---|---|
| 1. | Sri Somanath Pradhan, OAS(S) | Addl. District Magistrate, Rayagada | [signature] 3.12.2022 | |
| 2. | Sri Bhimsen Sabar, OAS(S) | Sub-Collector, Rayagada | | |
| 3. | Sri Narayana Misra, OAS-I(JB) | Spl. Land Acquisition Officer, Rayagada | | |
| 4. | Sri Tatu Tadingi | Sarpanch Pitamahal G.P | [signature] | 9692478230 |
| 5. | Ranjan Kumar Patra | AEE, (R&B) Dvn-1 | [signature] 3.12.22 | 7008249179 |
| 6. | Arabinda padhy | J.E (R&B) Div-II | [signature] 3.12.2022 | 9439770073 |
| 7. | Laxminarayana Sabat | BDO, Rayagada | [signature] 3/12 | 8847836892 |
| 8. | SUNIL KHORA | Additional Tahasildar, Rgda | [signature] 03/12/22 | 9337858218 |
| 9. | Sharmila Palaka | Naib Sarpanch, Pitamahal | Sharmila Palaka | |
| 10. | Baldas Palaka | villager, Pitamahal | Baldas Palaka | |
| 11. | Satyanarayan Rang | Team Leader LAVS, BBSR | [signature] | 9439183370 |
| 12. | Satyanarayan Rang | Team Leader ISS, BBSR | [signature] | 9439183370 |
| 13. | | | | |
| 14. | | | | |
| 15. | | | | |
| 16. | | | | |
| 17. | | | | |
| 18. | | | | |
| 19. | | | | |
| 20. | | | | |